# ପ୍ରେସ ଇସ୍ତାହାର

## ମଧୁମିତା ଷ୍ଟିଲ ଇଣ୍ଡଷ୍ଟ୍ରି ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ଶ୍ରୀ କାଶ୍ମୀରା କୁମାର ଅଗରୱାଲ ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ବିଭାଗ ଦ୍ୱାରା ଗିରଫ : ୭୧୨ କୋଟି ଟଙ୍କା ଜାଲ ବିଲ ରାକେଟର ପର୍ଦ୍ଦାଫାଶ

କଟକ : ତା-୧୭.୦୮.୨୦୨୦- ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଦ୍ୱାରା ୭୧୨ କୋଟି ଟଙ୍କାର ଜାଲ ବିଲ ମାଧ୍ୟମରେ ୧୨୯.୦୯ କୋଟି ଟଙ୍କାର ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ( ITC) ହସ୍ତାନ୍ତର କରିଥିବା ଏକ ବଡ ରାକେଟର ପର୍ଦ୍ଦା ଫାଶ ହୋଇଛି । ଓଡିଶା ଜିଏସଟି ଆଇନ ୨୦୧୭ ର ଧାରା – ୬୯ ଅନୁଯାୟୀ ରାଜ୍ୟ ଜିଏସଟି ଆୟୁକ୍ତଙ୍କୁ ଦିଆଯାଇଥିବା କ୍ଷମତା ବଳରେ ଏହି ଠକେଇରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡଙ୍କୁ ଧାରା – ୧୩୨(୧)(କ) ଏବଂ (ଖ) ଏବଂ 132(4) ଅନୁଯାୟୀ ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ପାଇଁ ଗିରଫ କରାଯାଇଛି । ଏହି ଗିରଫ ଅଭିଯୁକ୍ତ ହେଲେ ମଧୁମିତା ଷ୍ଟିଲସ ଇଣ୍ଡଷ୍ଟ୍ରି ପ୍ରାଇଭେଟ ଲିମିଟେଡ ର ନିର୍ଦ୍ଦେଶକ ଶ୍ରୀ କାଶ୍ମୀରା କୁମାର ଅଗରୱାଲ । ଏହି ରକେଟରେ ଜଡିତ ଥିବା ଅନ୍ୟ କେତେକ ଅପରାଧୀମାନଙ୍କୁ ପୂର୍ବରୁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗିରଫ କରିଅଛି ।

ସନ୍ଦିଗ୍ଧ ୱେବିଲ କାରବାର ଗୁଡିକୁ ଯାଞ୍ଚ କରାଯିବା ସହ ଗୁଇନ୍ଦା ତଥ୍ୟ ସଂଗ୍ରହ ପରେ ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଶ୍ରୀ କାଶ୍ମୀରା କୁମାର ଅଗରୱାଲଙ୍କର ବାସଭବନ , ବ୍ୟବସାୟୀକ ପ୍ରତିଷ୍ଠାନ ଓ ଅନ୍ୟ ୧୩ ଗୋଟି ବ୍ୟବସାୟୀକ ପ୍ରତିଷ୍ଠାନ ଉପରେ ଏକ ସମୟରେ ଚଢାଉ କରିଥିଲେ । ଚଢାଉ ସମୟରେ ଶ୍ରୀ କାଶ୍ମୀରା କୁମାର ଅଗରୱାଲଙ୍କ ଠାରୁ ବିଭିନ୍ନ ବ୍ୟବସାୟୀକ ବ୍ୟାଙ୍କ ପ୍ରତିଷ୍ଠାନର ରବର ଷ୍ଟାମ୍ପ , ବାଙ୍କ ପାସ ବହି ଏବଂ ଅନ୍ୟ କାଗଜ ପତ୍ର ଜବତ କରଯାଇଥିଲା । ତେବେ ଏଗୁଡିକ ଭୁତ ବ୍ୟବସାୟୀକ ପ୍ରତିଷ୍ଠାନ ବୋଲି ଅନୁସନ୍ଧାନରୁ ଜଣା ପଡିଥିଲା । ବିଭିନ୍ନ ବ୍ୟାଙ୍କରେ ଏହି ଭୁତ ବ୍ୟବସାୟୀକ ପ୍ରତିଷ୍ଠାନ ନାମରେ ବ୍ୟାଙ୍କ ଖାତା ଖୋଲାଯାଇ ପ୍ରଚୁର ଅର୍ଥ କାରବାର କରାଯାଇଥିବା ସମ୍ପର୍କରେ ଅନୁସନ୍ଧାନ ସମୟରେ ବ୍ୟାଙ୍କ କର୍ମଚାରୀମାନଙ୍କୁ ପଚରାଉଚରା କରାଯାଇଥିଲା । ଭଡାରେ ନିଆଯାଇଥିବା ଏହି ଜାଲ ବ୍ୟବସାୟୀକ ପ୍ରତିଷ୍ଠାନଗୁଡିକର ଘର ମାଲିକମାନଙ୍କୁ ପଚରାଉଚରା ସମୟରେ ଏହି ଭଡା ସମ୍ପର୍କିତ ଚୁକ୍ତିଗୁଡିକ ନକଲି ଥିବା ଜଣା ପଡିଥିଲା । ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ , ବହୁ ଟନ ଓଜନର ଲୁହା ଓ ଷ୍ଟିଲ ଦ୍ରବ୍ୟ ଗୁଡିକ ୱେବିଲ ମାଧ୍ୟମରେ ଦୁଇଚାକିଆ ଯାନ ଦ୍ୱାରା ପରିବହନ କରାଯାଇ ଥିବା ଦର୍ଶାଯାଇଥିଲା । ସେହି ଦ୍ରବ୍ୟର ମୂଲ୍ୟ କୋଟି କୋଟି ଟଙ୍କାର ଥିଲା । ଅନେକ କ୍ଷେତ୍ରରେ ବ୍ୟାଙ୍କ ଏକାଉଣ୍ଟଧାରିଙ୍କ ଦସ୍ତଖତକୁ ନକଲ କରାଯାଇ ବ୍ୟାଙ୍କ ଏକାଉଣ୍ଟ ଖୋଲା ଯାଇଥିଲା ଓ ଏଗୁଡିକ ମାଧ୍ୟମରେ କୋଟି କୋଟି ଟଙ୍କାର ଦେଣନେଣ କରାଯାଉଥିଲା । ଚଢାଉ ସମୟରେ ଶ୍ରୀ କାଶ୍ମୀରା କୁମାର ଅଗରୱାଲଙ୍କ ଦ୍ୱାରା ପରିଚାଳିତ କେତେକ ପ୍ରତିଷ୍ଠାନର ବ୍ୟାଙ୍କ ଏକାଉଣ୍ଟକୁ ଆଟଚ କରାଯାଇ ଏଥିରେ ଥିବା ଦୁଇ କୋଟିରୁ ଅଧିକ ଟଙ୍କା ଜବତ କରାଯାଇଛି । ସୂଚନା ଯୋଗ୍ୟ ଯେ ଶ୍ରୀ ଅଗରୱାଲ ବହୁ ଦିନ ଧରି ଜିଏସଟି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର ନଜରରେ ଥିଲେ ମଧ୍ୟ ସେ ଫେରାର ରହୁଥିଲେ । କେତେବେଳେ ହରିୟଣାରେ ତ କେତେବେଳେ ଟାଟାରେ ଓ ପୁଣି କେତେବେଳେ ରାଉଲକେଲା , ଏହିପରି ସେ ବାରମ୍ବାର ନିଜର ଠିକଣା ବଦଲାଉଥିଲେ । ତେବେ ଅକ୍ଲାନ୍ତ

ପରିଶ୍ରମ କରି ଜିଏସଟି ଏନଫୋର୍ସମେଣ୍ଟ ସ୍କୁଆର୍ଡର ଅଧିକାରୀମାନେ ସମ୍ବଲପୁରରୁ ତାଙ୍କୁ ଆଜି ଗିରଫ କରିବାରେ ସଫଳ ହୋଇଛନ୍ତି ।

ଗିରଫ ହୋଇଥିବା ଶ୍ରୀ ଅଗରୱାଲ ଚାକିରି ଯୋଗାଇ ଦେବାର ପ୍ରଲୋଭନ ଦେଖାଇ , ଦଲାଲ କିମ୍ବା ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ନିରୀହ ଲୋକଙ୍କଠାରୁ ପରିଚୟ ସମ୍ପର୍କିତ କାଗଜପତ୍ର ହାସଲ କରିଥିଲେ ଏବଂ ଏଗୁଡ଼ିକୁ ଅପବ୍ୟବହାର କରି ଜିଏସଟି ପଞ୍ଜୀକରଣ ନେବା ସହିତ ବିଭିନ୍ନ ବ୍ୟାଙ୍କରେ କରେଣ୍ଟ ଏକାଉଣ୍ଟ ଖୋଲିଥିଲେ ।

ଅନୁସନ୍ଧାନରୁ ଏହା ମଧ୍ୟ ଜଣାପଡିଛି ଯେ ଏହି ଅଭିଯୁକ୍ତ ୧୧୩.୮୧ କୋଟି ଟଙ୍କାର ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ (ITC) ବ୍ୟବହାର କରି ସେ ସୃଷ୍ଟି କରିଥିବା ଏହି ଭୁତ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ନାମରେ ଜାଲ ବିଲ ବଳରେ ଅନ୍ୟ ବ୍ୟବସାୟୀମାନଙ୍କୁ ୧୨୯.୦୯ କୋଟି ଟଙ୍କାର ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ( ITC) ହସ୍ତାନ୍ତର କରିଛନ୍ତି । ଓଡିଶା ଜିଏସଟି ଆଇନ ୨୦୧୭ ର ଧାରା 132(1)( c), 132(1)(b), 132(1)(l) ଅନୁଯାୟୀ ସେମାନେ କରିଥିବା ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ 132(1)(i) ଧାରା ଅନୁଯାୟୀ ଦଣ୍ଡନୀୟ ।

ଅନୁସନ୍ଧାନ ସମୟରେ ଏହି ଭୁତ ଫାର୍ମ ଗୁଡିକର ପ୍ରୋପ୍ରାଇଟରମାନେ କୌଣସି ବ୍ୟବସାୟ କରି ନଥିବା କିମ୍ବା କିଣା ବିକା କରିନଥିବା ସ୍ୱୀକାର କରିଥିଲେ । ରିଟର୍ଣ୍ଣରେ ଦର୍ଶା ଯାଇଥିବା କାରବାର ଗୁଡିକ କେବଳ କାଗଜ କଲମରେ ସୀମିତ ଥିଲା । ଏହି ନିରୀହ ଲୋକଙ୍କ ନାମରେ ଜିଏସଟି ପଞ୍ଜୀକରଣ ନିଆଯାଇ ଚେକ ବୁକରେ ଏବଂ RTGS ଫର୍ମରେ ସେମାନଙ୍କ ଦସ୍ତଖତ ନେଇ ଏହି ମାଷ୍ଟରମାଇଣ୍ଡ ବ୍ୟାଙ୍କ କାରବାର କରିଥିଲେ । କେତେକ କ୍ଷେତ୍ରରେ ସେମାନଙ୍କ ଦସ୍ତଖତକୁ ନକଲ ମଧ୍ୟ କରାଯାଇଛି ।

ଉପରୋକ୍ତ ଅଭିଯୁକ୍ତ କୌଣସି ଟିକସ ନ ଦେଇ ଓ ପ୍ରକୃତ ଯୋଗାଣକାରୀ ( supplier) ଙ୍କ ଠାରୁ କୌଣସି ବିଲ ହାସଲ ନ କରି ଲୁହା ଇନଗଟ, ଲୁହା ରଡ, ସ୍କ୍ରାପ ଆଦି କିଛି ଜିନିଷ କ୍ରୟ କରିଥିବା ଜଣା ଯାଇଛି । ବିନା ବିଲରେ କିଣା ଯାଇଥିବା ଏହି ଜିନିଷ ଗୁଡିକର ବିକ୍ରୀକୁ ନିୟମିତ କରିବା ଉଦ୍ଦେଶ୍ୟରେ ସେ ସୃଷ୍ଟି କରିଥିବା ଭୁତ ଫାର୍ମ ନାମରେ ଜାଲ ବିଲ ତିଆରି କରିଥିଲେ କିମ୍ବା ଯୋଗାଡ କରିଥିଲେ ଏବଂ ଏହି ଜାଲ ବିଲ ମାଧ୍ୟମରେ ସେମାନେ ହାସଲ କରିଥିବା ପୂର୍ବ କଥିତ ଜାଲ ITC କୁ ବ୍ୟବହାର କରିଥିଲେ । ଅନୁସନ୍ଧାନରୁ ଆହୁରି ଜଣାପଡିଛି ଯେ କୌଣସି ବ୍ୟବସାୟିକ ସମ୍ପର୍କ ନଥାଇ କେତେକ ଫାର୍ମକୁ ସେ ଟଙ୍କା ହସ୍ତାନ୍ତର କରିଛନ୍ତି । ସେହିପରି ଏକ ଫାର୍ମରୁ ସେ ୧୩ କୋଟି ଟଙ୍କାର ଜିନିଷ କିଣିଥିବା କାଗଜକଲମରେ ଦର୍ଶାଇଥିବା ବେଳେ ଉକ୍ତ ଫାର୍ମକୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୩୮ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି । ତେଣୁ ସେ ନଗଦ ଟଙ୍କାର ବେଆଇନ କାରବାରରେ ଲିପ୍ତ ଥିବା ଆଶଙ୍କା କରାଯାଉଛି ।

ଓଡିଶା ରାଜ୍ୟର ଯେଉଁ ବ୍ୟବସାୟୀମାନେ ଏହି ଜାଲ ଇନପୁଟ ଟାକ୍ସ କ୍ରେଡିଟ ବ୍ୟବହାର କରି ଟିକସ ଫାଙ୍କିଛନ୍ତି , ସେମାନଙ୍କ ଠାରୁ ଟିକସ ଫାଙ୍କିର ପରିମାଣ ଏବଂ ସୁଧ ସହ ଜୋରିମାନା ଆଦାୟ କରାଯିବା ଦିଗରେ ବିଭାଗ ତରଫରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବାହାର ରାଜ୍ୟର ଯେଉଁ ବ୍ୟବସାୟୀମାନେ ଏହି ଜାଲ ଇନପୁଟ ଟାକ୍ସ କ୍ରେଡିଟ ( ITC) ନେଇଛନ୍ତି ସେମାନଙ୍କ ଠାରୁ ଏହି ଠକେଇ ଅର୍ଥ ସୁଧ ଓ ଜୋରିମାନା ସହ ଆଦାୟ କରିବା ସହ ଜିଏସଟି ଆଇନରେ ଥିବା ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୃକ୍ତ ରାଜ୍ୟର ଜିଏସଟି କମିସନରଙ୍କୁ ଅନୁରୋଧ କରାଯିବ ।